ओरिएण्टल इंश्योरेंस | पृथ्वी, अग्नि, जल, आकाश
सबकी सुरक्षा हमारे पास।
IRDA REG. NO. 556 CIN - U66010DL1947GOI007158

**ପ୍ରଧାନ ମନ୍ତ୍ରୀ ଫସଲ ବୀମା ଯୋଜନା (PMFBY)** ଗୋଟିଏ ଦେଶ-ଗୋଟିଏ ଯୋଜନା ମୂଳମନ୍ତ୍ର ଅନ୍ତର୍ଗତ ୨୦୧୬ ମସିହାରେ ଭାରତ ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା ଏକ ପ୍ରମୁଖ ଯୋଜନା। ପ୍ରାକୃତିକ ବିପତ୍ତିରୁ ସୃଷ୍ଟ ଫସଲ କ୍ଷତି/ନଷ୍ଟ ଦ୍ୱାରା ପ୍ରଭାବିତ ହୋଇଥିବା ଚାଷୀମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରି କୃଷି କ୍ଷେତ୍ରରେ ସ୍ଥାୟୀ ଉତ୍ପାଦନ ସହାୟତା ଏହାର ଲକ୍ଷ୍ୟ ଅଟେ।

**ନାମାଙ୍କନ ପାଇଁ ଉତ୍ସ ଏବଂ ଆବଶ୍ୟକୀୟ ଦସ୍ତାବିଜ:**

| | ଋଣଧାରୀ କୃଷକମାନେ | ଋଣଧାରଣ କରିନଥିବା କୃଷକ / ଅନ୍ୟ କୃଷକମାନେ |
|---|---|---|
| ନାମାଙ୍କନର ଉତ୍ସ | ବ୍ୟାଙ୍କ, ଯେଉଁଠାରୁ KCC ପ୍ରାପ୍ତ ହେଉଅଛି। | ନିକଟତମ ବ୍ୟାଙ୍କ ଶାଖା, **୧.** ଜନସେବା କେନ୍ଦ୍ର (CSCs), **୨.** ବୀମା ମଧ୍ୟସ୍ଥି, ସିଧାସଳଖ କମ୍ପାନୀଠାରୁ, ନ୍ୟାସନାଲ କ୍ରପ ଇନସ୍ୟୁରାନ୍ସ ପୋର୍ଟାଲ (NCIP): www.pmfby.gov.in |
| ଆବଶ୍ୟକୀୟ ଦସ୍ତାବିଜ | ପ୍ରସ୍ତାବିତ ଫସଲ, ଜମିର ବିବରଣୀ / ବୀମା ଅନ୍ତର୍ଭୂକ୍ତ ଏରିଆ, ଯାହା KCCରେ ଋଣଧାରୀ କୃଷକ ଘୋଷିତ କରିଥିବେ, ଯଦି କିଛି ଅଛି ତାହା ଗ୍ରହଣ କରିବା ପାଇଁ ଆଧାର ନମ୍ବର ଏବଂ ବ୍ୟାଙ୍କ ଖାତା ବିବରଣୀ | ବୀମା ଅନ୍ତର୍ଭୂକ୍ତ ହେବାକୁ ଥିବା ପ୍ରସ୍ତାବିତ ଜମିର ସହାୟକ ଦସ୍ତାବିଜ ଅର୍ଥାତ୍ ରେକର୍ଡ ଅଫ୍ ରାଇଟ୍ (ROR), ଜମିର ଦଖଲ ସାର୍ଟିଫିକେଟ (LPC), ଲିଜ୍ ଡିଡ୍ ଏବଂ ଭାଗ ଚାଷ ସ୍ଥଳେ ଚୁକ୍ତି / ଅନୁବନ୍ଧିତ ବିବରଣୀ, ଦାବୀ ଅର୍ଥରାଶି, ଯଦି କିଛି ଅଛି ତାହା ଗ୍ରହଣ କରିବା ପାଇଁ ଆଧାର ନମ୍ବର ଏବଂ ବ୍ୟାଙ୍କ ଖାତା ବିବରଣୀ |

**କୃଷକମାନଙ୍କ ପଞ୍ଜିକରଣ ପାଇଁ ସଂଭାବିତ ଅନ୍ତିମ ତାରିଖ:** ଖରିଫ-୩୧ ଜୁଲାଇ ଏବଂ ରବି-୩୧ ଡିସେମ୍ବର

**କୃଷକଙ୍କ ପାଇଁ ସର୍ବାଧିକ ପ୍ରିମିୟମ ଅଂଶ:**

| | ଖରିଫ | ରବି |
|---|---|---|
| ଶସ୍ୟ, ଡାଲି ଏବଂ ତୈଳବୀଜ ସହିତ ଅନ୍ୟାନ୍ୟ ଖାଦ୍ୟ ଶସ୍ୟ | ୨% | ୧.୫% |
| ବାର୍ଷିକ ଉଦ୍ୟାନ କୃଷି ଏବଂ ବ୍ୟାବସାୟୀକ ଫସଲ | ୫% | |

**କ୍ଷୟକ୍ଷତି ଭରଣା:** ବୀଜ ରୋପଣ ଠାରୁ ଅମଳ ପରିସମାପ୍ତି ପର୍ଯ୍ୟନ୍ତ ହେବାକୁ ଥିବା ନିବାରଣ ବିହିନ ସମସ୍ତ କ୍ଷତିର ବ୍ୟାପକ ଇନସ୍ୟୁରାନ୍ସ କଭରେଜ/(ପ୍ରତିକୂଳ ଜଳବାୟୁ ପରିସ୍ଥିତି) ସଂଶୋଧିତ ପରିଚାଳନା ଦିଶାନିର୍ଦ୍ଦେଶ ପ୍ରାବଧାନ ଅନୁସାରେ ହେବ।

<table>
<tr><th>ସଂକଟ ଜନିତ ବୀମା ରକ୍ଷଣ</th><th>କ୍ଷତିଭରଣା / ଦାବୀର ପ୍ରାବଧାନ</th><th>କ୍ଷୟକ୍ଷତିର ସୂଚନା</th></tr>
<tr><td>ବୀଜ ରୋପଣ ସୁରକ୍ଷା / ଚାରାରୋପଣ / ରୋଗପୋକ ସୁରକ୍ଷା</td><td>ବୀଜ ରୋପଣ ସୁରକ୍ଷା / ଚାରାରୋପଣ / ରୋଗପୋକ ସୁରକ୍ଷା (ଅଞ୍ଚଳ ଆଧାରରେ)</td><td rowspan="2">ଅଞ୍ଚଳ ଆଧାରିତ ଦୃଷ୍ଟିକୋଣରୁ ଲାଗୁ ହେବ। ବ୍ୟକ୍ତିଗତ ଚାଷୀ ସୂଚନା ଦେବା ଆବଶ୍ୟକ ନାହିଁ। ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରତିନିଧିଙ୍କ ସୂଚନା ଆଧାରରେ କ୍ଷୟକ୍ଷତିର ଆକଳନ କରାଯିବ।</td></tr>
<tr><td>ମଧ୍ୟବର୍ତ୍ତି ସମୟର ପ୍ରତିକୁଳତା</td><td>ସଂଭାବ୍ୟ ଦାବୀର ୨୫% ଅନୌପଚାରିକ ଦେୟ ପ୍ରାପ୍ତି (ଅଞ୍ଚଳ ଆଧାରରେ)</td></tr>
<tr><td>ଅମଳ ପରବର୍ତ୍ତି କ୍ଷୟକ୍ଷତି</td><td>ଅମଳର ସର୍ବାଧିକ ଦୁଇ ସପ୍ତାହ ଅବଧି ପର୍ଯ୍ୟନ୍ତ ଯେଉଁ ଫସଲକୁ କାଟିବା, ଖେଳାଇବା ଓ ଶୁଖାଇବା / ଅମଳ ପରେ ଛୋଟ ବିଡ଼ା ଆକାରରେ ଜମିରେ ପଡ଼ି ରହିଥିବା ଫସଲକୁ କୁଆପଥର ବୃଷ୍ଟି, ବାତ୍ୟା, ବାତ୍ୟା ଜନିତ ବର୍ଷା ଏବଂ ଅଦିନିଆ ବର୍ଷା ସମସ୍ୟା ପାଇଁ।</td><td rowspan="2">ସ୍ଥାନୀୟ ଆପଦା ଦ୍ୱାରା ନଷ୍ଟ ଜନିତ କ୍ଷୟକ୍ଷତି ଏବଂ ଅମଳ ପରବର୍ତ୍ତି କ୍ଷତିକୁ ଇନସ୍ୟୁରାନ୍ସ କମ୍ପାନୀ ତରଫରୁ ବ୍ୟକ୍ତିଗତ ଆଧାରରେ ଆକଳନ କରାଯିବ ଏବଂ ଏଥିପାଇଁ କ୍ଷୟକ୍ଷତିର ସୂଚନା ଚାଷୀ/ନିଯୁକ୍ତ ଏଜେନ୍ସିଙ୍କ ଦ୍ୱାରା ମିଳିବା ଆବଶ୍ୟକ। ୭୨ ଘଣ୍ଟା ମଧ୍ୟରେ ଚାଷୀଙ୍କ ଦ୍ୱାରା ସିଧାସଳଖ ରାଷ୍ଟ୍ରୀୟ ଫସଲ ବୀମା ପୋର୍ଟାଲକୁ ସୂଚନା ଦିଆଯାଇପାରେ କିମ୍ବା ଅତିରିକ୍ତ ୨୪ ଘଣ୍ଟା ମଧ୍ୟରେ ଇନସ୍ୟୁରାନ୍ସ କମ୍ପାନୀ,ସଂପୃକ୍ତ ବ୍ୟାଙ୍କ ସ୍ଥାନୀୟ ସରକାରଙ୍କ କୃଷି ବିଭାଗ/ଜିଲ୍ଲା ଅଧିକାରୀ କିମ୍ବା ଟୋଲ୍ ଫ୍ରି ନଂ. ୧୮୦୦୧୧୮୪୮୫ ମାଧ୍ୟମରେ କିମ୍ବା ରାଷ୍ଟ୍ରୀୟ ଫସଲ ବୀମା ପୋର୍ଟାଲ ଜରିଆରେ। ଅତିରିକ୍ତ ୨୪ ଘଣ୍ଟା ଏଜେନ୍ସି/ବିଭାଗ ମାନଙ୍କର ସମ୍ପୃକ୍ତ ଇନସ୍ୟୁରାନ୍ସ କମ୍ପାନୀ ସହିତ ପଞ୍ଜିକରଣ ପାଇଁ ଉପଲବ୍ଧ ଅଟେ।</td></tr>
<tr><td>ସ୍ଥାନୀୟ ବିପର୍ଯ୍ୟୟ</td><td>ସ୍ଥାନୀୟ ବିପର୍ଯ୍ୟୟ ରୂପେ ଘୋଷିତ ହୋଇଥିବା କୁଆପଥର ବୃଷ୍ଟି, ଭୂସ୍ଖଳନ, ବନ୍ୟା, ବାଦଲ ଫାଟିବା ଏବଂ ଅଧିସୂଚିତ ଅଞ୍ଚଳରେ ପୃଥକ ରୂପେ ଅବସ୍ଥାପିତ ଫାର୍ମରେ ବିଜୁଳି ଯୋଗୁଁ ଲାଗିଥିବା ପ୍ରାକୃତିକ ନିଆଁ ସମସ୍ୟା ପାଇଁ।</td></tr>
</table>

**କୃଷକ ବନ୍ଧୁମାନଙ୍କ ଦାୟୀତ୍ୱ:**

- ଅବଧି ସମୟ ମଧ୍ୟରେ ସୂଚନା ପ୍ରଦାନ/ସ୍ଥାନୀୟ ବିପର୍ଯ୍ୟୟ ଏବଂ ଅମଳ ପରବର୍ତ୍ତି ଫସଲ ହାନିର ଦାବୀ ଉପସ୍ଥାପନା କରିବା।
- ବୀମା ଦାବୀ ପାଇଁ ଦର୍ଶାଯାଇଥିବା ଫସଲ ଏବଂ ବୀମା ପଞ୍ଜିକୃତ ଫସଲ ଉଭୟ ସମାନ ବୋଲି ନିଶ୍ଚିତ କରାଇବା।

**ବୀମିତ ଫସଲରେ ପରିବର୍ତ୍ତନ:** କୌଣସି ପରିବର୍ତ୍ତନ ପାଇଁ KCC / ଏଗ୍ରି ଲୋନ୍ ମଞ୍ଜୁର କରିଥିବା ବ୍ୟାଙ୍କ ଶାଖାରେ ତୁରନ୍ତ କିନ୍ତୁ ପ୍ରିମିୟମ ରାଶି ଡେବିଟ୍ ହେବାର ଦୁଇ ଦିନ ପୂର୍ବରୁ / ପଞ୍ଜିକରଣ ତାରିଖ, ପ୍ରମାଣପତ୍ର ଦେଖାଇବା ସହିତ ହେବା ଉଚିତ୍।

**ଯୋଜନା ସମ୍ବନ୍ଧରେ ସୂଚନା ଏବଂ ଅଭିଯୋଗ ଦାଖଲ ପାଇଁ ଯୋଗାଯୋଗ ବିନ୍ଦୁ:**

- PMFBY ୱେବସାଇଟ୍ www.pmfby.gov.in
- ରାଜ୍ୟ ସରକାରଙ୍କର ଯୋଗାଯୋଗ ବିବରଣୀ: ୦୬୭୪-୨୩୯୧୭୨୨
- ଜିଲ୍ଲା ପ୍ରଶାସନର ଯୋଗାଯୋଗ ବିବରଣୀ: ବରଗଡ଼-୦୬୬୪୬-୨୩୩୩୫୪, ଭଦ୍ରକ-୦୬୭୮୪-୨୫୦୯୦୬, ଗଜପତି-୦୬୮୧୫-୪୨୨୨୪୩, ଯାଜପୁର-୦୬୭୨୮-୨୨୨୦୫୬, ଜଗତସିଂହପୁର-୦୬୭୨୪-୨୨୦୦୬୧

**ଇନସ୍ୟୁରାନ୍ସ କମ୍ପାନୀର ଅଭିଯୋଗ ପ୍ରକୋଷ୍ଠର ଯୋଗଯୋଗ ବିବରଣୀ:**

| | |
|---|---|
| ଅଭିଯୋଗ ପ୍ରକୋଷ୍ଠର ଟୋଲ୍‌ଫ୍ରି ନମ୍ବର | ୧୮୦୦୧୧୮୪୮୫ |
| ଅଭିଯୋଗ ପ୍ରକୋଷ୍ଠର ଠିକଣା | Oriental House, A-25/27, Asaf Ali Road, New Delhi-110002 |
| ଅଭିଯୋଗ ପ୍ରକୋଷ୍ଠର ମେଲ୍ ଆଇଡି | csd@orientalinsurance.co.in |